■ ବିଜେଡିର କର୍ମୀ ସମ୍ମିଳନୀ

# ବହୁ କର୍ମୀ ଦଳରେ ସାମିଲ



**ସାତକୋଶିଆ,୧୪।୧(ସମିସ):** ଅନୁଗୋଳ ବ୍ଲକ୍ ଅନ୍ତର୍ଗତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଅନ୍ତୁଳିଆ ଗ୍ରାମ ପଞ୍ଚାୟତର ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଓ ବଣଭୋଜିର ଆୟୋଜନ କରାଯାଇଥିଲା। ଏହି କର୍ମୀ ସମ୍ମିଳନୀ ଓ ବଣଭୋଜି ଡଲାସିଂହା ଗ୍ରାମର ମାଳିଦର ପ୍ରାକୃତିକ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଅନ୍ତୁଳିଆରେ ରହିଥିବା ୯ ଗୋଟି ଗ୍ରାମର ୧୭ ଟି ୱାର୍ଡର ୨ ଶହରୁ ଅଧିକ ସକ୍ରିୟ କର୍ମୀ ଯୋଗଦାନ ପୂର୍ବକ ସଂଗଠନକୁ ମଜବୁତ୍ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ। ବରିଷ୍ଠ ବିଜେଡି ନେତା ଦିଲୀପ କୁମାର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଜୁ ଜନତା ଦଳ ପକ୍ଷରୁ ନବୀନ ଶାସନର ସମସ୍ତ ଜନହିତକର କାର୍ଯ୍ୟ ଲୋକଲୋଚନକୁ ଆଣିବା ନେଇ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଦଳକୁ ଅଧିକ ସଂଗଠିତ କରି ନବୀନ ବାବୁଙ୍କ ନେତୃତ୍ୱକୁ ମଜବୁତ୍ କରିବାକୁ ଶପଥ କରାଯାଇଥିଲା । ସରପଞ୍ଚ ମଧୁସ୍ମିତା ସାହୁ, ସମିତିସଭ୍ୟ ନମିତା ସାହୁ, ରମେଶ ସାହୁ, ବିଭୂତି ଦେହୁରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବ ବିଜେଡି ସଂଗଠକ ରାଜେନ୍ଦ୍ର ପ୍ରଧାନ, ସୌରଚନ୍ଦ୍ର ସାହୁ ସହଯୋଗ କରିଥିଲେ । ଅଞ୍ଚଳର ବିକାଶରେ ସଂଗଠିତ ହେବାକୁ ପ୍ରସନ୍ନ କୁମାର ବେହେରା ଆହ୍ୱାନ ଦେଇଥିଲେ। ରାମଚନ୍ଦ୍ର ବର୍ଗିଆ, ଜଳଧର ବର୍ଗିଆ, ରୋଡସିଂହା ଗ୍ରାମର ତ୍ରିପୁର ମୋହନ ପ୍ରଧାନ, ସଂଜୀବ ଦେହୁରୀ ସମେତ ବହୁ କର୍ମୀଙ୍କୁ ବିଜେଡିରେ ମିଶ୍ରଣ କରାଯାଇଥିଲା।

# ତ୍ରିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କଣିହାଁ,୧୪।୧(ସମିସ):** ଅନୁଗୁଳ ଜିଲ୍ଲା କଣିହା ବ୍ଲକ କଂସମୁଣ୍ଡା ଗ୍ରାମ ଖେଳ ପଡିଆ ପରିସରରେ ଗୋପାଳଜୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଟୁର୍ଣ୍ଣାମେଣ୍ଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ତଥା ପ୍ରାକ୍ତନ ଅନୁଗୁଳ ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ବେହେରା ,ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ଦାସ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ତଥା ଶ୍ରମିକ ନେତା ଦେବଦତ୍ତ ପ୍ରସାଦ ପ୍ରଧାନ, ଗ୍ରାମ ସଭାପତି ଉଛବ ସ୍ୱାଇଁ, ସମ୍ପାଦକ ଭୂବନାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ୮ଟି କ୍ଲବକୁ ନେଇ ଆଜି ଲିଗ୍ ମ୍ୟାଚର ଦୁଇଟି ପର୍ଯ୍ୟାୟରେ ୪ଟି ଟମର ଖେଳ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଏସ୍ ଏସ୍ ଲୁଟୁ ଟିମ୍ ଖେଳ ଆରମ୍ଭ କରି ୩ ୱିକେଟ ହରାଇ ୧୫୮ ରନ୍ କରିଥିବା ବେଳେ ପ୍ରତିପକ୍ଷ ସର୍ବୋଦୟ ସମ୍ବଲପୁର ସମସ୍ତ ୱିକେଟ ହରାଇ ୮୪ ରନ୍ କରି ଅଲଆଉଟ୍ ହୋଇଥିଲା । ଦିତୀୟ ପର୍ଯ୍ୟାୟରେ ଷ୍ଟାର ଇଲେବେନ କଟକ ବ୍ୟାଟିଂ କରି ୧୦ ୱିକେଟ ହରାଇ ୮୬ ରନ୍ କରିଥିବା ବେଳେ ପ୍ରତିପକ୍ଷ ଏମ୍ଏସସିସି ସମ୍ବଲପୁର ୫ ୱିକେଟ ହରାଇ ୮୭ ରନ୍ କରି ବିଜୟ ହୋଇଥିଲା । ଅମ୍ପାୟାର ଭାବେ ଡୋକମ (ସାନୁଯ ବିଶ୍ୱାଳ)ଓ ଦିବେନ କୁମାର ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ । ଚଳିତ ମାସ ୧୬ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ନେଇ ଟିମ୍ ମ୍ୟାନେଜର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋପାଳଜୀ କ୍ରିକେଟ ଟିମର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସୃଜନୀ, କଣିହାଁ ଉଦ୍ୟୋଗରେ ଫକୀର ମୋହନ ଜୟନ୍ତୀ ପାଳିତ



**କଣିହାଁ,୧୪।୧(ସମିସ):** ଆଧୁନିକ ଓଡ଼ିଆ ଭାଷା ସହିତ୍ୟ ଓ ନବଜାଗରଣର ଅନ୍ୟତମ ପୁରୋଧା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୧ ତମ ଜନ୍ମ ଜୟନ୍ତୀ ସୃଜନୀ, କଣିହାଁ ଉଦ୍ୟୋଗରେ ରବିବାର ପାଳନ କରାଯାଇଛି। ଏହି ଉପଲକ୍ଷେ ଗଦାଶିଳାସ୍ଥ ବାଜି ରାଉତ ସ୍ମୃତି ପାଠାଗାର ଠାରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଆଲୋଚନା ସଭା ହୋଇଯାଇଛି। ଏହି ସଭାକୁ ସୃଜନୀ, କଣିହାଁର ଉପଦେଷ୍ଟା ଜୟସେନ୍ ମେହେର ପରିଚାଳନା କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ବଳରାମ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫକୀର ମୋହନ ସେନାପତିଙ୍କ ଗଳ୍ପ ଓ ଉପନ୍ୟାସଗୁଡ଼ିକୁ ଭଲ ଭାବରେ ପଢି ବୁଝିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ସର୍ବୋଚ୍ଚ ପ୍ରକୃତି ଶକ୍ତି ଜଂଘା ପେନଠାନା ପୀଠ ପ୍ରତିଷ୍ଠା ଓ ନବନିର୍ମିତ ଦାରୁ ଦେବତାଙ୍କ ପ୍ରବେଶ ଉତ୍ସବ

# ଜନଜାତିର ବିକାଶ ହେଲେ ଭାରତ ବିକାଶ ହେବ: ରାଜ୍ୟପାଳ

ଆଠମଲ୍ଲିକ/କିଶୋରନଗର,୧୪।୧(ସମିସ):




ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ଠାରେ ସର୍ବୋଚ୍ଚ ପ୍ରକୃତି ଶକ୍ତି ଜଂଘା ପେନଠାନା ପୀଠ ପ୍ରତିଷ୍ଠା ଓ ନବନିର୍ମିତ ଦାରୁ ଦେବତାଙ୍କ ପେନଠାନା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶାର ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଜଗନ୍ନାଥ ସଂସ୍କୃତିରେ ଆଦିବାସୀ ସଂସ୍କୃତି ଜଡ଼ିତ ଓ ପ୍ରାଚୀନ କାଳରୁ ଆମ ସଂସ୍କାରରେ ସେବା ମନବୃତ୍ତି ରହି ଆସିଛି ବୋଲି ଉପସ୍ଥିତ ଗଣ୍ଡୱାନା ସମାଜର ଭକ୍ତ ମଣ୍ଡଳୀକୁ ପ୍ରକାଶ କରିଥିଲେ । ଜନଜାତିର ବିକାଶ ହେଲେ ଭାରତ ବିକଶିତ ହେବ ବୋଲି କହିଥିଲେ । ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ତଥା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଛତିଶଗଡ଼ର ପୂର୍ବତନ ବିଧାୟକ ଗୁରୁ ଚରଣ ନାଏକ, ଗଣ୍ଡ ସମାଜର ମହାସଚିବ ପ୍ୟାରୀ ମୋହନ ନାଏକ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ଗଣ୍ଡ ସମାଜର ଜାତୀୟ ସମ୍ପାଦକ ଆର ଏନ ଧ୍ରୁବ ମଞ୍ଚାସୀନ ଥିଲେ । ବିଧାୟକ ରମେଶ ଚନ୍ଦ୍ର ସାଏ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳମଣି ମେହେର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ମନ୍ଦିର ସମ୍ମୁଖରେ ନିର୍ମାଣ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଏକ ପ୍ରତିମୂର୍ତ୍ତି ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଏହି ଅବସରରେ ପ୍ରଥମେ ଗଣ୍ଡ ୱାନା ସମାଜ ତରଫରୁ ଢୋଲ, ଖୋଳ ସଂକୀର୍ତ୍ତନ ମାଧ୍ୟମରେ ନିମନ୍ତ୍ରିତ ଅତିଥି ମାନଙ୍କୁ ସ୍ୱାଗତ କରି ପାଛୋଟି ଅଣାଯାଇଥିଲା । ତତ୍ ପରେ ଗଣ୍ଡ ସମାଜ ତରଫରୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା । ଆର ଏନ ଧ୍ରୁବ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ଧର୍ମ ପତ୍ନୀ ଲିନା ସାଏ, ଚୌଧୁରୀ ଚରଣ ସାଏଙ୍କ ସମେତ ଗଣ୍ଡ ସମାଜର ବହୁ କର୍ମକର୍ତ୍ତା ସଦସ୍ୟ ଉପସ୍ଥିତ ଥିଲେ ।

ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ,ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ର, ଆଠମଲ୍ଲିକ ତହସିଲଦାର ଶ୍ୟାମ ସୁନ୍ଦର ସାହୁ, ଏସଇଏସଓ ଶିବାଶିଷ ଜେନା, ଡେପୁଟି କଲେକ୍ଟର ଲକ୍ଷ୍ମୀଧର ରାଉତ, ପ୍ରଭୁ ପିୟୁଷ ମହାପାତ୍ର, ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ପାତ୍ର, କିଶୋର ନଗର ବିଡିଓ ବିନୋଦ ବିହାରୀ ବେହେରା, କିଶୋର ନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଅଶୋକ କୁମାର ମଲ୍ଲିକ, ଆଠମଲ୍ଲିକ ଏନଏସି ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ପ୍ରକଳ୍ପ ଅଧିକାରୀ ତରଙ୍ଗିଣୀ ମିର୍ଦ୍ଧା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ରାୟଗୁରୁ, ,ଡିଏସପି ଜିତେନ୍ଦ୍ର ଦଳେଇ, ଆଠମଲ୍ଲିକ ଏସଡିପିଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଆଇଆଇସି ଚିତ୍ତରଞ୍ଜନ ବେହେରା, ଠାକୁରଗଡ଼ ଆଇଆଇସି ନଟବର ନନ୍ଦଙ୍କ ସମେତ ପୁଲିସ ଫୋର୍ସ ଉପସ୍ଥିତ ଥିଲେ ।

# ଖଣି କ୍ଷତିଗ୍ରସ୍ତ ଛେଳିଆ ବାସିନ୍ଦାଙ୍କ ଆନ୍ଦୋଳନ ୨ୟ ଦିନରେ



**କଣିହାଁ, ୧୪।୧(ସମିସ):** ଏମସିଏଲର କଣିହାଁ କୋଇଲା ଖଣି କ୍ଷତିଗ୍ରସ୍ତ ଛେଳିଆ ଗ୍ରାମ ବାସିନ୍ଦା ନିଯୁକ୍ତି, ଥଇଥାନ ଦାବିରେ ୨ ଦିନ ହେଲା ଆନ୍ଦୋଳନ କରୁଛନ୍ତି। ଏଥିଯୋଗୁଁ କଣିହାଁ ଓସିପିରୁ ଖନନ ଓ ପରିବହନ କାର୍ଯ୍ୟ ଠପ୍ ରହିଛି। ଖଣି କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ଉପସ୍ଥିତିରେ ୨୦୨୪ ଜାନୁଆରୀ ୧୨ତାରିଖ ଭିତରେ ଯୋଗ୍ୟ ବିବେଚିତ ପରିବାରକୁ ନିଯୁକ୍ତି ପ୍ରଦାନ ପାଇଁ ପ୍ରତିଶୃତି ଦେବାପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ଏହା ମଧ୍ୟରେ ପ୍ରତିଶୃତିକୁ ନେଇ ଖଣି କର୍ତ୍ତୃପକ୍ଷ କୌଣସି କାର୍ଯ୍ୟ କରିନଥିବାରୁ ପୁନଃ କ୍ଷତିଗ୍ରସ୍ତମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଉକ୍ତ ଆନ୍ଦୋଳନକୁ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ତାଳଚେର ସୁରକ୍ଷା ମଞ୍ଚ ସଭାପତି ମୁରଲୀଧର ସାହୁ କଣିହା ବ୍ଲକ ଉପାଧକ୍ଷା ଜୟନ୍ତୀ ପ୍ରଧାନ, ବଡତ୍ରିବିଡା ସରପଞ୍ଚ ସାନ୍ତନୁ ପ୍ରଧାନ, ସମିତି ସଭ୍ୟ କିଶୋର ବେହେରା ପ୍ରମୁଖ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ଅପରାହ୍ନରେ ରାଜ୍ୟ କଂଗ୍ରେସର ମହିଳା ସମ୍ପାଦକ ସସ୍ମିତା ବେହେରା ଆନ୍ଦୋଳନକୁ ସମର୍ଥନ ଜଣାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଗ୍ରାମ ସଭାପତି ମାଗୁଣି ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ ବେହେରା, କମିଟି ସଦସ୍ୟ ଇନ୍ଦ୍ରମଣି ସାହୁ, ବଳଭଦ୍ର ପ୍ରଧାନ,ଲୁଲୁ ପ୍ରଧାନ, ହେମନ୍ତ ସାହୁ,ଶ୍ରୀପତି ସାହୁ ପ୍ରମୁଖ ନେତୃତ୍ୱରେ ଶତାଧିକ କ୍ଷତି ଗ୍ରସ୍ତ ପରିବାରର ମହିଳା/ ପୁରୁଷ ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି। ନିଯୁକ୍ତି ପତ୍ର ନମିଳିବା ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକରୀଙ୍କ ପକ୍ଷରୁ ସୂଚନା ମିଳିଛି।

■ ଷଷ୍ଠ ସର୍ବଭାରତୀୟ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସୋଲାର କ୍ଲବକୁ ହରାଇ ଫାଇନାଲରେ ୱାଇସିସି ରାଉରକେଲା




**ପାଲଲହଡ଼ା,୧୪।୧(ସମିସ):** ପାଲଲହଡା ଷ୍ଟାଡିଅମ ପରିସରରେ ଚାଲିଥିବା ସର୍ବଭାରତୀୟ ଷଷ୍ଠ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ସୋଲାର କ୍ରିକେଟ କ୍ଲବ, କଟକକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି ୱାଇସିସି ରାଉରକେଲା। ଶାସନ ସାହି ଜୟ ଶ୍ରୀରାମ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ ମ୍ୟାଚରେ ରାଉରକେଲା ଦଳ ଟସ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। କଟକ ଦଳ ନିର୍ଦ୍ଧାରିତ ଓଭର ପୂର୍ବରୁ ସମସ୍ତ ଉଇକେଟ ହରାଇ ୧୨୯ ରନ କରିବାକୁ ସମର୍ଥ ହୋଇଥିଲା ବେଳେ ଏହାର ଜବାବରେ ୱାଇସିସି ରାଉରକେଲା ଦଳ ୨୪.୧ ଓଭରରେ ୬ ୱିକେଟ ହରାଇ ୧୩୧ ରନ କରି ପ୍ରଥମ ଦଳ ଭାବେ ଫାଇନାଲକୁ ଯୋଗ୍ୟ ବିବେଚିତ ହୋଇଛି। ଉନ୍ନତମାନର ଖେଳ ପ୍ରଦର୍ଶନ କରି ରାଉରକେଲାର ସାହେବ ସିଂ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ସୋମବାର ଟାଟା ଜାମସେଦପୁର ଏବଂ ଜେଆରସିସି, ପାଲଲହଡ଼ା ମଧ୍ୟରେ ପୁଲ ବି' ର ପ୍ରଥମ ଲିଗ୍ ମ୍ୟାଚ ଖେଳାଯିବ। ଅଭିଷେକ ସାହୁ ଏବଂ ରଞ୍ଜିତ ସାମଲ ଖେଳ ପରିଚାଳନା କରୁଥିଲା ବେଳେ ଜୟ ଶ୍ରୀରାମ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କଣିହାଁ ବ୍ଲକ ଗ୍ୟାରେଜ ମାଲିକ ଆସୋସିଏସନ ଗଠିତ

**ତାଳଚେର,୧୪।୧(ସମିସ):** ତାଳଚେର ଉପଖଣ୍ଡ ସ୍ଥିତ ଗହମ ଆମ୍ବତୋଟା ପରିସରରେ କଣିହାଁ ବ୍ଲକର କ୍ଷୁଦ୍ରଯାନ ଗ୍ୟାରେଜ ମାଲିକମାନଙ୍କୁ ନେଇ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ୟାରେଜ୍ ମାଲିକ ଉପସ୍ଥିତ ରହି କ୍ଷୁଦ୍ରଯାନ ଗ୍ୟାରେଜ ମାଲିକ ଆସୋସିଏସନ୍ ନାମରେ ଏକ ସଙ୍ଗଠନ ଗଠନ କରିଥିଲେ। ମାଲିକ ଓ କର୍ମଚାରୀଙ୍କ ସହମତି କ୍ରମେ ଆସୋସିଏସନ୍‌ର ନୂତନ ସଭାପତି ଭାବେ କମରେଇ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ, ଉପସଭାପତି ମିଥୁନ ପ୍ରଧାନ, ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ସାହୁ, ସହ ସମ୍ପାଦକ ଶଙ୍କର୍ଷଣ ସାହୁ, କୋଷାଧକ୍ଷ କୁଞ୍ଜ ବିହାରୀ ସାହୁଙ୍କୁ ମନୋନୀତ କରାଯାଇଥିଲା। ଅନୁରୂପ ଭାବେ କାର୍ଯ୍ୟକାରୀ ସଦସ୍ୟ ଭାବେ ରାଜୁ ସାହୁ, ମିଟୁ ପ୍ରଧାନ, ଅରୁଣ କୁମାର ସାହୁ,ରବି ସାମଲ, ଅଶାନ୍ତ ପ୍ରଧାନ, ସୁଶାନ୍ତ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ ହେଇଥିବା ବେଳେ ଅଡିଟର ଭାବେ ସୁଶାନ୍ତ କୁମାର ସାହୁ ଓ ସୁଦର୍ଶନ ସାହୁଙ୍କୁ ବଛା ଯାଇଥିଲା। ଆସୋସିଏସନର ବରିଷ୍ଠ ପରାମର୍ଶଦାତା ଭାବେ ଭୂପେନ କୁମାର ଅମ୍ବଙ୍କୁ ଓ ଆଇନ୍ ପରାମର୍ଶଦାତା ଭାବେ ହିମାଂଶୁ ଶେଖର ଗଡ଼ନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଶେଷରେ କୁଞ୍ଜବିହାରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପଦସଂକୁଳ ଅବସ୍ଥାରେ ଦୁଇ ବିଦ୍ୟୁତ୍ ଟ୍ରାନ୍ସଫର୍ମର



**ତାଳଚେର,୧୪।୧(ସମିସ):** ତାଳଚେର ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ ବିଭାଗର ଟ୍ରାନ୍ସଫର୍ମର ମୁକୁଳା ପଡିଛି। ଅନେକ ସମୟରେ ସେହି ଟ୍ରାନ୍ସଫର୍ମର ସଂସ୍ପର୍ଷରେ ଆସି ଗାଈଗୋରୁ ତଥା ଛୋଟପିଲାଙ୍କ ଜୀବନ ହାନୀ ହେଉଛି। ନିୟମ ଅନୁଯାୟୀ ଟ୍ରାନ୍ସଫର୍ମର ଚାରିପାଖେ ତାର ବାଡ଼ ଦ୍ୱାରା ଆବଦ୍ଧ କରି ଏକ ସୁରକ୍ଷିତ ଉଚ୍ଚତାରେ ବସାଯିବା କଥା। ତାଳଚେର କୋର୍ଟ ପରିସରରୁ ମାତ୍ର ୨୦୦ ମିଟର ଦୂରରେ ରେମୁଆ ରାସ୍ତା କଡ଼ରେ ବିଜୁଳି ବିଭାଗର ଦୁଇଟି ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ରହୁଛି, ଯାହାର କୌଣସି ସୁରକ୍ଷା ବାଡ଼ ଦିଆଯାଇନାହିଁ କିମ୍ବା ବିଜୁଳି ବିଭାଗର ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ପଡୁନାହିଁ । ଏଥିପ୍ରତି ଅଞ୍ଚଳର ବାସିନ୍ଦାଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଜୁଳି ବିଭାଗର ନିଦ ଭାଙ୍ଗୁନାହିଁ । ଏହା ଏକ ପ୍ରକାର ଭୟର ବାତାବରଣ ସୃଷ୍ଟିକରିଛି।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ବଅଁରପାଳ,୧୪।୧(ସମିସ):** ସ୍ଥାନୀୟ ପାଞ୍ଚଗଡ଼ ସୋମନାଥ ସିଂ ଜଗଦେବ +୩ ମହାବିଦ୍ୟାଳୟରେ ନୂଆ- ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ଶିକ୍ଷାନୁଷ୍ଠାନର ଅଧକ୍ଷ ଗୋକୁଳାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ପିଏସଏସଜେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର



ଅଧ୍ୟାପକ ଯୁଗଳ କିଶୋର ସାହୁ ଯୋଗଦେଇ ସମ୍ମିଳନୀର ଉଦ୍ଦେଶ୍ୟ ଓ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ମନୋଜ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଭୁତିଆ ଧନ୍ୟବାଦ ଅର୍ପଣ କରିଥିଲେ । ପରେ କାର୍ଯ୍ୟକ୍ରମର ଖସଡ଼ା ଅନୁଯାୟୀ ସାଧାରଣଜ୍ଞାନ ଓ ବ୍ୟାକରଣ ଜ୍ଞାନ ପରୀକ୍ଷା କରାଯାଇଥିଲା । ପରୀକ୍ଷାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଛେଣ୍ଡିପଦା ପ୍ଲାଟିନମ୍ ଜୁବୁଲିର ଉଦଯାପନୀ ସମାରୋହ

**ଛେଣ୍ଡିପଦା,୧୪।୧(ସମିସ):** ଛେଣ୍ଡିପଦା ବ୍ଲକ ସଦର ମାହାକୁମାରେ ଥିବା ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳିତ ହେଉଥିବା ପ୍ଲାଟିନମ ଜୁବୁଲି ସମାରୋହର ଉଦଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ଓଡିଶାର ରାଜ୍ୟପାଳ ରଘୁବର ଦାଶ ଓ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନ ଯୋଗ ଦେଇଛନ୍ତି । ରାଜ୍ୟପାଳ ରବିବାର ମଧ୍ୟାହ୍ନରେ ଅନୁଗୋଳ ନିଶା ଶିଳ୍ପାଞ୍ଚଳ ଥାନା ସ୍ଥିତ ଜିନ୍ଦଲ ପଡିଆରେ ପହଞ୍ଚିଥିଲେ । ରାଜ୍ୟପାଳ ରଘୁବର ଦାଶ ଓ କେନ୍ଦ୍ରମନ୍ତ୍ରୀ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପିତ ହୋଇଥିବା ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ବାଲୁଙ୍କେଶ୍ୱର ପ୍ରଧାନ, ଜାତିର ଜନକ ମହାତ୍ମାଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଆୟୋଜିତ ଉଦଯାପନୀ ସମାରୋହରେ ଯୋଗ ଦେଇଥିଲେ । ଏହା ପରେ ଜୁବୁଲି କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍କାଉଟ କ୍ୟାଡର ଛାତ୍ରୀମାନଙ୍କ ଦ୍ୱାରା ରାଜ୍ୟପାଳ ଓ କେନ୍ଦ୍ର ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ରାଜ୍ୟପାଳ ପୁରାତନ ଛାତ୍ର ଡାକ୍ତର ମୁରଲୀ ଧର ଦେହୁରୀ, ଡାକ୍ତର ସଂଜୀବ ମିଶ୍ର, ଡାକ୍ତର ପ୍ରଫୁଲ୍ଲ କୁମାର ସାହୁ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଟପର ହୋଇଥିବା ତେଜସ୍ୱନୀ, ସ୍କୁଲରେ ଟପର ନୀତେଶ କୁମାର ପାଲ ଓ ରାଧାକୃଷ୍ଣ ଘଣ୍ଟ ବାଦ୍ୟ କମିଟିକୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟପାଳ ପୁରସ୍କୃତ କରିଥିଲେ । ଏହି ଉଦଯାପନୀ ଦିବସରେ ଜୁବୁଲି କମିଟିର ଉପଦେଷ୍ଟା ଅଗସ୍ତି ବେହେରା, ଛେଣ୍ଡିପଦା ଗ୍ରାମ ସଭାପତି ଚନ୍ଦ୍ର ମଣି ପ୍ରଧାନ, ଜିଲ୍ଲା ପରିଷଦ ଯଶୋବନ୍ତ ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ବ୍ଲକ ଶିକ୍ଷାଅଧିକାରିଣୀ ମଧୁସ୍ମିତା ନନ୍ଦ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ । ସର୍ବଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହାପରେ ସନ୍ଧ୍ୟାରେ ଉମାକାନ୍ତ ବାରିକ, ନାଭ୍ୟଜ୍ୟୋତି, ଅଭିନେତ୍ରୀ ଭୂମିକା ଦାସ, ହାସ୍ୟ ଅଭିନେତା ଅମରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଡେରଜେଙ୍ଗ ଜଳଭଣ୍ଡାରରେ ପକ୍ଷୀଗଣନା

# ୩୦ ପ୍ରଜାତିର ପକ୍ଷୀ, ୬ ପ୍ରଜାତିର ବିଦେଶାଗତ ପକ୍ଷୀ ଦୃଶ୍ୟମାନ

**ଅନୁଗୋଳ,୧୪।୧(ସମିସ)**



ଓଡିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ଅନୁଗୋଳ ଜିଲ୍ଲାର ଡେରଜେଙ୍ଗ ଜଳଭଣ୍ଡାରରେ ଏସିଆନ୍ ଜଳଚର ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପକ୍ଷୀ ଗଣନାରେ ସ୍ଥାନୀୟ ଜୈବ ବିବିଧତା ପରିଚାଳନା ସମିତିର କର୍ମକର୍ତ୍ତା ଏବଂ ବନ ବିଭାଗର କର୍ମଚାରୀମାନେ ସାମିଲ୍ ଥିଲେ। ଜଳଭଣ୍ଡାରର ଦୁଇ ପାର୍ଶ୍ୱରେ ଥିବା ଘାସ ଓ ଦଳ ଅଞ୍ଚଳକୁ ବୁଲି ବୁଲି ଗଣନାକାରୀ କୌଶଳପୂର୍ଣ୍ଣ ଗଣନା କରିଥିଲେ। ଜଳଭଣ୍ଡାରରେ ୩୦ ପ୍ରଜାତିର ପକ୍ଷୀ ଦୃଶ୍ୟମାନ ହୋଇଥିବା ବେଳେ ୬ ପ୍ରକାରର ବିଦେଶାଗତ ପକ୍ଷୀ ଥିଲେ। ସମୁଦାୟ ୪୧୬ ପକ୍ଷୀ ଥିବା ଗଣନାରେ ଆକଳନ କରାଯାଇଥିଲା। ଅନୁଗୋଳ ରେଞ୍ଜ ଅଫିସର୍, ଓଡିଶା ଜୈବ ବିବିଧତା ବୋର୍ଡର ଗବେଷକ ଭବାନୀ ଶଙ୍କର ମହାପାତ୍ର, ସୁଦୀପ୍ କୁମାର ବେହେରା ଏବଂ ବନ୍ୟଜୀବ ବିଶେଷଜ୍ଞ ପ୍ରସନ୍ନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଚାଳନାରେ ପକ୍ଷୀ ଗଣନା କରାଯାଇଥିଲା। ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ରେଡ୍ କ୍ରେଷ୍ଟେଡ୍ ପୋଚାଡ, କମନ୍ ସାଣ୍ଡ ପାଇପର୍, ଲିଟଲ୍ ରିଂଗିଡ୍ ପ୍ଲୋଭର୍ ଗଣନା ସମୟରେ ଦୃଶ୍ୟମାନ ହୋଇଥିଲା । ପିଜାଣ୍ଟ ଟେଲଡଜାକାନା, ଗ୍ରେ ହେରୋନ୍ ଓ କଟନଟିଲ୍ ପକ୍ଷୀ ଦେଖିବାକୁ ମିଳିଥିଲା। ପକ୍ଷୀ ଗଣନା ପରେ ବିଏମସିର ଅଂଶଗ୍ରହଣକାରୀଙ୍କୁ ପକ୍ଷୀଙ୍କ ବ୍ୟବହାରିକ ଚଳଣି, ଖାଦ୍ୟପାନୀୟ, ପ୍ରକୃତି ପାଇଁ ରହିଥିବା ସନ୍ତୁଳନ ପ୍ରକ୍ରିୟା ସହିତ ଆମ ସଂସ୍କୃତି ଐତିହ୍ୟ ସହିତ ରହିଥିବା ସଂପର୍କ ଉପରେ ଆଲୋଚନା କରାଯାଇଥିଲା। ବଡକେରା, ମାଟିଆସାହି, ରନ୍ତଲେଇ, ନୂଆମୌଜା, ସାନକେରେଜଙ୍ଗ , ତୁବେ ଏବଂ କନ୍ତପଡ଼ା ଜୈବ ବିବିଧତା ପରିଚାଳନା ସମିତିର ୧୭ ଜଣ କର୍ମକର୍ତ୍ତା ଗଣନାରେ ସାମିଲ୍ ହୋଇଥିଲେ। ଅନୁଗୋଳ ବନଖଣ୍ଡର ବନଖଣ୍ଡ ଅଧିକାରୀ ବିବେକ୍ କୁମାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀ ୧୦ ରୁ ଅଧିକ ଗଣନାରେ ଅଂଶଗ୍ରହଣ କରିଥିଲେ । ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ରବିନ୍ଦ୍ର କୁମାର ସାହୁ , ଚନ୍ଦନ ନାଏକ ଏବଂ ବିନୟ ସାହୁ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିଥିଲେ ।



# ଆର୍‌ବିଆଇ ପକ୍ଷରୁ ଆର୍ଥିକ ସଚେତନତା ନେଇ ୱାକାଥନ୍

**ଢେଙ୍କାନାଳ, ୧୪ା୧ (ସମିସ):** ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏକ 'ୱାକାଥନ୍' ଆୟୋଜିତ କରଯାଇଥିଲା। ଏହି 'ୱାକାଥନ୍'ଢେଙ୍କାନାଳର ବାଜିରୌକ ଛକ ଠାରୁ ଆରମ୍ଭ ହୋଇ ଗଣେଶ ବଜାରସ୍ଥିତ ଗୋପବନ୍ଧୁ ଟାଉନ ହଲ ଠାରେ ଶେଷ ହୋଇଥିଲା। ଏଥିରେ ବିଭିନ୍ନ ଟାର୍ଗେଟ ଗୋଷ୍ଠୀ ଯଥା ଛାତ୍ର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ଇତ୍ୟାଦି ରୁ ପ୍ରାୟ ୨୫୦ ଜଣ ଅଂଶଗ୍ରହଣ କରିଥିଲେ। 'ୱାକାଥନ୍' ପରେ ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା, ଯେଉଁଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ୍ ବ୍ୟାଙ୍କିଙ୍ଗ୍, ବିଭିନ୍ନ ପ୍ରକାରର ଠକେଇ, ଚିରା ଓ ଫଟା ନୋଟ୍ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ଆରବିଆଇର ଏକୀକୃତ ଲୋକପାଳ ଯୋଜନା ଇତ୍ୟାଦି ଉପରେ ଅଧିବେଶନ ନିଆଯାଇଥିଲା। ଏହି କାର୍ଯକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଦେବୀ ପ୍ରସାଦ ପଣ୍ଡା, ଢେଙ୍କାନାଳ ଜିଲ୍ଲାର ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାପାତ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ବିଶ୍ୱାଳ, ଉପ-ବିଭାଗୀୟ ପୋଲିସ ଅଧିକାରୀ ବିଭୁତି ଭୂଷଣ ମହାପାତ୍ର, ଅଗ୍ରଣୀ ଜିଲ୍ଲା ଅଧିକାରୀ ଦେବାଶିଷ କୁଣ୍ଡୁ, ନାବାର୍ଡର ଜିଲ୍ଲା ଉନ୍ନୟନ ପ୍ରବନ୍ଧକ ଓ ଆରବିଆଇର ଅନ୍ୟ ଅଧିକାରୀମାନେ ଉପସ୍ଥିତଥିଲେ।




# ୧୦ ବର୍ଷ ହେଲା ଖଙ୍କିରା ଉଠା ଜଳସେଚନ ପ୍ରକଳ୍ପ ଅଚଳ

**ଢେଙ୍କାନାଳ, ୧୪ା୧ (ସମିସ)**

ଗଁଦିଆ ବ୍ଲକ ଅନ୍ତର୍ଗତ ଖଙ୍କିରା ଉଠା ଜଳସେଚନ ପ୍ରକଳ୍ପ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଚଳ ହୋଇପଡ଼ିବାରୁ ଚାଷୀମାନେ ହତାସ ହୋଇପଡ଼ିଛନ୍ତି। ଖଙ୍କିରା ଗ୍ରାମରେ ୫୦୦ ଏକର ଜମି ଜଳସେଚିତ ହେବା ପାଇଁ ଏଠାରେ ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା।

**● ଜମିକୁ ମାଡୁନି ପାଣି, ଚାଷୀ ହତାସ**
**● ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି**

କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ କିଛିଦିନ ପରେ ପ୍ରକଳ୍ପଟି ଅଚଳ ହୋଇ ପଡ଼ିଥିଲା। ଗ୍ରାମବାସୀ ବାରମ୍ବାର ଉଠାଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଉକ୍ତ ଅଞ୍ଚଳରେ ଚାଷୀମାନେ ଚାଷ ଜମିକୁ ପାଣି ମଡାଇ ନପାରି ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରକଳ୍ପ ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ବିଦ୍ୟୁତ୍ ସମସ୍ୟା ଓ ପୁରୁଣ ଯନ୍ତ୍ରପାତି କ୍ରୟ କରିଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଏଥିପାଇଁ ପ୍ରାୟ ଲକ୍ଷାଧିକ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇ ନ ପାରିବା ଯୋଗୁଁ ଚାଷୀମାନେ ହତାସ ହୋଇପଡ଼ିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ସୁଇଚ୍ ଅପ୍ ଥିବାରୁ ଯୋଗାଯୋଗ ସମ୍ଭବପର ହୋଇପାରିନଥିଲା।



# କାଙ୍କଡ଼ାପାଳ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ

**ଢେଙ୍କାନାଳ, ୧୪ା୧(ସମିସ) :** ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କାଙ୍କଡ଼ାପାଳ ସେବା ସମବାୟ ସମିତିର ତୃତୀୟ ଧାନମଣ୍ଡି ଉଦ୍ଘାଟିତ ହୋଇଯାଇଅଛି। ସମିତିର ସଭାପତି ରମଣି ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଧାନମଣ୍ଡିରେ ୮୦୦ କ୍ୱିଣ୍ଟାଲ୍ ଧାନ କ୍ରୟ କରାଯାଇଥିଲା। ଆଖପାଖ ଅଞ୍ଚଳର ଚାଷୀମାନେ ଏହି ମଣ୍ଡିରେ ଧାନ ବିକ୍ରୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ରୋଜାଲିନ୍ ରାଜ୍, ସଭ୍ୟ ବିଷ୍ଣୁ ଚରଣ ସାହୁ, ବିଚିତ୍ରାନନ୍ଦ ଦାସ ଓ ଯଦୁନାଥ ନାୟକ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ସହ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରିଥିଲେ।



# ପୌରାଞ୍ଚଳ ଶୌଣ୍ଡିକ ସମାଜର ବାର୍ଷିକ ସମ୍ମିଳନୀ



**ଢେଙ୍କାନାଳ, ୧୪ା୧ (ସମିସ):** ଢେଙ୍କାନାଳ ପୌରାଞ୍ଚଳ ଶୌଣ୍ଡିକ ସମାଜର ଷଷ୍ଠ ବାର୍ଷିକୀ ସମ୍ମିଳନୀ ତଥା ନବବର୍ଷ ଉପଲକ୍ଷେ ସପରିବାର ବଣଭୋଜି ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ରାଜ୍ୟସ୍ତରୀୟ ପ୍ରାକ୍ତନ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ପ୍ରାୟ ୬୦୦ ଲୋକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ସଙ୍ଗୀତ ନୃତ୍ୟ ଓ ବାଦ୍ୟଯନ୍ତ୍ର ତଥା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମହିଳାମାନଙ୍କ ମଧ୍ୟରେ କୁଇଜ୍ ଏବଂ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍ବ୍ୟତୀତ ସମାଜର ତିନିଗୋଟି ହ୍ୱାଟସ୍ ଆପ୍ ବିଷୟରେ ଆଲୋଚନା କରାଗଲା। ପ୍ରଥମଟି ସମାଜର ହ୍ୱାଟସ୍-ଆପ୍ ଗ୍ରୁପ୍, ଦ୍ୱିତୀୟଟି ମାଟ୍ରିମୋନି ଗ୍ରୁପ୍, ତୃତୀୟଟି ଏଜୁକେସନ୍ ହବ୍ ଗ୍ରୁପ୍ କରିବା ପାଇଁ ସ୍ଥିର କରାଗଲା। ଏହି ଗ୍ରୁପ୍ରେ ଯୋଗଦାନ କରି ସମାଜ ବିଷୟରେ ବିଭିନ୍ନ ସୂଚନା ପାଇବା ପାଇଁ ଅନୁରୋଧ କରାଗଲା। ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇ କାର୍ଯ୍ୟକ୍ରମ ସମାପ୍ତ ଘୋଷଣା କରାଗଲା। ତାପରେ ସାମୂହିକ ଭୋଜିରେ ସମସ୍ତେ ଅଂଶଗ୍ରହଣ କରି ଭୋଜିର ମଜା ନେଇଥିଲେ। ଏଥିରେ ଅନନ୍ତ ଚରଣ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ସାହୁ, ଗିରିଶ ଚନ୍ଦ୍ର ସାହୁ, ସ୍ୱାଧୀନ କୁମାର ସାହୁ, ସର୍ବେଶ୍ୱର ସାହୁ, ଶତ୍ରୁଘନ ସାହୁ, ବିନୟ ପରିଡ଼ା, ବାବୁଲି ଚରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

**● ଜାତୀୟ ମାନବାଧିକାର ସାମ୍ମୁଖ୍ୟର ନିଯୁକ୍ତି**

# ପର୍ଶୁରାମ ଜିଲ୍ଲା ସଭାପତି, ମଳୟ ହେଲେ ସମ୍ପାଦକ

**ପଣ୍ଡୁଆ, ୧୪ା୧ (ସମିସ) :** କାମାକ୍ଷା ନଗର ଉପଖଣ୍ଡ ଅଲାବେରେଣି ପଞ୍ଚାୟତର ଯୁବ ସାମ୍ବାଦିକ ପର୍ଶୁରାମ ମହାଭୋଇଙ୍କୁ ଜାତୀୟ ମାନବଧିକାର ସାମ୍ମୁଖ୍ୟ ସଂଗଠନ ତରଫରୁ ନୂତନ ଢ଼େଙ୍କାନାଳ ଜିଲ୍ଲା ସଭାପତି ରୂପେ ରାଜ୍ୟ ସଂଗଠନ ଚୟନ କରାଯାଇଛି। ପର୍ଶୁରାମ ମହାଭୋଇ ଜଣେ ଯୁବ ସମାଜସେବୀ ଭାବେ ବେଶ୍ ଜଣାଶୁଣା। ରକ୍ତଦାନ ଶିବିର କରିବା ସହ ନିଜେ ଜଣେ ରକ୍ତଦାତା ଭାବେ ଖୁବ୍ ଜଣାଶୁଣା। ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କୁ ଡାକ୍ତରଖାନ ନେବା, ରାଜ୍ୟ ସରକାରଙ୍କ ଯୋଜନାରେ ଗରିବ ଲୋକଙ୍କୁ ସଚେତନ କରାଇବା ସହ କରୋନା ସମୟରେ ସେବା ପାଇଁ କୋରୋନା ଯୋଦ୍ଧା ଭାବେ ମଧ ତାଙ୍କୁ ସମ୍ମାନିତ କରାଯାଇଥିଲା। ଢ଼େଙ୍କାନାଳ ଜିଲ୍ଲା ସମ୍ପାଦକ ଭାବେ କୋଟାଗରା ପଞ୍ଚାୟତର ଯୁବ ସମାଜସେବୀ ମଳୟ ସାହୁଙ୍କୁ ଚୟନ କରାଯାଇଛି।



# ସତ୍ୟମ୍ ଇଣ୍ଟର୍‌ନ୍ୟାସ୍‌ନାଲ୍ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା



**ଢେଙ୍କାନାଳ, ୧୪ା୧ (ସମିସ):** ଢେଙ୍କାନାଳ ସହରସ୍ଥିତ ବନମାଳିପ୍ରସାଦ ଠାରେ ଅବସ୍ଥିତ ସତ୍ୟମ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପରିସରରେ ତିନିଦିନ ଧରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ଘାଟନ ସମାରୋହକୁ ହକି ପ୍ରଶିକ୍ଷକ ଫ୍ଲୋରେନ୍ସିଆ ଏକ୍କା ମୁଖ୍ୟ ଅତିଥି, ଜିଲ୍ଲା ଶିକ୍ଷା ବିଭାଗର ଶାରୀରିକ ଶିକ୍ଷା ପରିଦର୍ଶକ ପ୍ରକାଶ କୁମାର ବେହେରା ମୁଖ୍ୟ ବକ୍ତା, ହକି ପ୍ରଶିକ୍ଷକ ବାବୁଲା ପ୍ରସାଦ ମହାନ୍ତି, ସାଇ ପ୍ରସାଦ ଦଳେଇ ଓ ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମ୍ୟାନ୍ ବିରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ୍ର ଅଧ୍ୟକ୍ଷ କ୍ଷୀତିଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ସ୍କୁଲ୍ର ଛାତ୍ରଛାତ୍ରଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆତସବାଜୀ ମାଧ୍ୟମରେ କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ ପ୍ଲେ ରୁ ନର୍ସରୀ, ପ୍ରଥମ ରୁ ତୃତୀୟ, ଚତୁର୍ଥ ରୁ ଷଷ୍ଠ ଓ ସପ୍ତମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚାରୋଟି ଗ୍ରୁପ୍ ରେ ୧୧୦ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାକୁ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପୁରୁଷୋତ୍ତମ ରାଉତ ଓ ସତ୍ୟମ୍ ଇଣ୍ଟରନେସନାଲ୍ ସ୍କୁଲ୍ର କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପରିଡ଼ା, ପ୍ରଦ୍ୟୁମ୍ନ କୁମାର ଶତପଥୀ, ରଘୁନାଥ ମିଶ୍ର, ପ୍ରଦୀପ କୁମାର ନାୟକ, ସ୍ୱାଗତିକା ବାରିକ, ପଦ୍ମାବତୀ ଜେନା, ପ୍ରଗତି ନାଗ, ଅନିମା ମିଶ୍ର, ସୁବୋଧ କୁମାର ମହାପାତ୍ର, ରାମନାଥ ପାତ୍ର, ଶୁଭକାନ୍ତ ସାହୁ, ମୋନାଲିସା ସାହୁ, ଲିନା ବହିଦାର, ଝରଣା ବେହେରା, ସୁଶ୍ରିତା ସ୍ୱାଇଁ, ସମନ୍ୱିତା ବେହେରା, ଅନୁଶ୍ରୁୟା ମଲ୍ଲ, ଧରିତ୍ରୀ ବିଶ୍ୱାଳ, ନେହା ସୁହାନି, ଆଶିଷ କୁମାର ପାଲ୍, ବେବିନା ଜେନା, ଶାନ୍ତିଲତା ସାହୁ, ରଶ୍ମି ମହାରଣା, ସ୍ନିଗ୍ଧା ପଣ୍ଡା, ବିଜୟଲକ୍ଷ୍ମୀ ନାୟକ, ସରୋଜିନି ସାହୁ, ରିତିକ୍ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକାଙ୍କ ସ୍ମୃତି ଉତ୍ସବ



**ଢେଙ୍କାନାଳ, ୧୪ା୧ (ସମିସ):** ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକା ମମତା ଦାଶଙ୍କ ଏକାଦଶ ବାର୍ଷିକୀ ସ୍ମୃତିଚାରଣ ଉତ୍ସବ ସହରର ପାରାଡାଇଜ୍ ଲେନ୍ସ୍ଥିତ ସମୃଦ୍ଧି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ସଭ୍ୟା ସମାଜସେବୀ ସାଗରୀକା ମିଶ୍ର ସମ୍ମାନିତ ଅତିଥି ଏବଂ ସମାଜସେବୀ ନିରୋଜନଳିନୀ ମହାଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକା ଶ୍ରୀମତୀ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରତନ ନାୟାର, ଅଥୟ ସାହୁ, ଅଖିଳ ମହାପାତ୍ର, ୧୫ନଂ ୱାର୍ଡ କାଉନ୍ସିଲର ନିରୋଦ କୁମାର ସାହୁ, ସାଂଧ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସମୀର ସାହୁ, ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଶିବସାଇ ମହାପାତ୍ର, ଶ୍ରୀମତୀ ଦାଶଙ୍କ ଭଣଜା ବ୍ରହ୍ମପୁର ଖଣି ଜୋନ୍ର ଯୁଗ୍ମ ନିର୍ଦ୍ଦେଶକ ଶୈଳଜା ପ୍ରସାଦ ନନ୍ଦ, ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ସମାଜସେବୀ ସ୍ମିତା ସାମଲ, ଅକ୍ଷୟ ପାଣିଗ୍ରାହୀ, ଜୟଲକ୍ଷ୍ମୀ ରାଓ ଓ ବାସନ୍ତୀ ସାହୁ ପ୍ରମୁଖ ଭାବଭିନ୍ନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ଆଇନଜୀବୀ ଗଣେଶ୍ୱର ରଥ ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କନକ ନ୍ୟୁଜ୍ର ଜିଲ୍ଲା ପ୍ରତିନିଧି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କୁ ମାନପତ୍ର, ଉପାୟନ ଓ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟ ଅତିଥି ପୌରାଧ୍ୟକ୍ଷା ଶ୍ରୀମତୀ ପାତ୍ର 'ମମତା ଦାଶ ସ୍ମୃତି ସମ୍ମାନ' ପ୍ରଦାନ କରିଥିଲେ। ସ୍ମୃତିଚାରଣ ଉତ୍ସବର ଆବାହକ ମମତାଙ୍କ ସ୍ୱାମୀ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ସେବା ସଂଗଠନର ନୂତନ କର୍ମକର୍ତ୍ତା



**ଗଁଦିଆ, ୧୪ା୧ (ସମିସ):** ଗଁଦିଆ ଆଞ୍ଚଳିକ ସେବା ସଂଗଠନ ନୂତନ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ନିର୍ବାଚନ ହୋଇଯାଇଛି। ବରିଷ୍ଠ ସଭ୍ୟ କାଳନ୍ଦୀଚରଣ ସାହୁଙ୍କ ସଭାପତିତ୍ୟରେ ସର୍ବସମ୍ମତି ଭାବେରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଅଜିତ ପ୍ରସାଦ ରାଉତ ସଭାପତି, ଶେଷଦେବ ମହାପାତ୍ର ଉପସଭାପତି, ଅଭିମନ୍ୟୁ ଦାସ ସମ୍ପାଦକ, ଅଶୋକ କୁମାର ସାହୁ ସହ ସମ୍ପାଦକ ଓ ଅନିଲ କୁମାର ସାହୁ କୋଷାଦ୍ୟକ୍ଷ ଭାବରେ ମନୋନୀତ ହୋଉଥିବା ସ୍ଥଳେ ନୂତନ ଭାବରେ ଉକ୍ତ ସଂଗଠନର ଅଧ୍ୟକ୍ଷ ରୂପେ ପ୍ରଭାସ କୁମାର ସାହୁ ମନୋନୀତ ହୋଇଥିଲେ। ପରିଚାଳନା କମିଟିରେ ଉପଦେଷ୍ଟା ଭାବରେ ବରିଷ୍ଠ ସଭ୍ୟ କାଳନ୍ଦୀ ଚରଣ ସାହୁ, ଗଣେଶ୍ୱର ପ୍ରଧାନ, ବିଦ୍ୟାଧର ସାହୁ ଓ ତାପସ କୁମାର ରାଉତ ପ୍ରମୁଖ ମନୋନୀତ ହୋଇଛନ୍ତି।

DADLS-77
ଓଡ଼ିଶା ସରକାର



**ବ୍ୟାସକବି ଫକୀର ମୋହନ ସେନାପତିଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
ତା.୧୫.୦୧.୨୦୨୪ (ମକର ସଂକ୍ରାନ୍ତି)

ସକାଳ ଘ.୮.୩୦ ମିନିଟ - ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ଅପରାହ୍ନ - ୩ ଘଟିକା** — **ଜୟଦେବ ଭବନ**

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ

ଆୟୋଜକ – ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱର

**ସନ୍ଧ୍ୟା ଘ.୫.୩୦ମିନିଟ** — **ସାଧାରଣ ସଭା**

ସଭାପତି – **ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ**, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର**, ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ
ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ**, ମାନ୍ୟବର ବିଧାୟକ, ଭଣ୍ଡାରୀ ପୋଖରୀ
ସମ୍ମାନନୀୟା ଅତିଥି – **କସ୍ତୁରୀ ମହାପାତ୍ର**, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – **ଡ଼ଃ ସଂଘମିତ୍ରା ମିଶ୍ର**, ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକା
ପ୍ରାରମ୍ଭିକ ବକ୍ତବ୍ୟ – **ଡ଼ ବିରାଜ ମୋହନ ଦାସ**, ସାଧାରଣ ସମ୍ପାଦକ, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ଉପସଂହାର ବକ୍ତବ୍ୟ – **ଶ୍ରୀଯୁକ୍ତ ଜୀବନ ମହାପାତ୍ର**, ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ

ଇଟିକିଲି ମିଟିକିଲି ଅନୁଷ୍ଠାନ ତରଫରୁ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0250/2324



# ୧୧ତମ ଅନୁଗୋଳ ମହୋତ୍ସବ ଉଦ୍‌ଯାପିତ

## କଳା ସଂସ୍କୃତିର ମାଟି ଅନୁଗୋଳ କଳା ପ୍ରତିଭାକୁ ସମ୍ମାନ ଦେଉଛି: ପ୍ରଦୀପ ଅମାତ









**ଅନୁଗୋଳ, ୧୪।୧(ସମିସ)**

ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଅନୁଗୋଳ ମହୋତ୍ସବ ଉଦଯାପିତ ହୋଇଯାଇଛି। ବର୍ଣ୍ଣାଢ୍ୟ ପରିବେଶରେ ପରମ୍ପରା ,ସଂସ୍କୃତି ଓ ଐତିହ ବହନ କରୁଥିବା ଏହି ମହୋତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ପରିବେଷଣ କରାଯାଇଥିଲା। ଉଦଯାପନୀ ସମରୋହ ଉତ୍ସବରେ ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ଅମାତ (ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜଓ ପାନୀୟ ଜଳ, ଏବଂ ସୂଚନା ଓ ଲୋକସମ୍ପର୍କ) ଯୋଗ ଦେଇ ଅନୁଗୋଳ ମାଟିର ଐତିହ୍ୟକୁ ଦୋହରାଇ ଥିଲେ। ଏ ମାଟି କଳା, ସଂସ୍କୃତିର ମାଟି। ପୁରାତନ ସଂସ୍କୃତି ଓ ପାରମ୍ପରିକ କଳା ସଂସ୍କୃତିକୁ ଉଦଜୀବିତ ରଖିବା ପାଇଁ ତଥା କଳାର ବିକାଶ ପାଇଁ ଏ ଭଳି ମଞ୍ଚ ସୃଷ୍ଟିହୋଇଛି। ସ୍ଥାନୀୟ କଳାକାରଙ୍କ ପ୍ରତିଭାର ବିକାଶ ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆସିଥିବା କଳାକାରଙ୍କଠାରୁ ତାଙ୍କ କିଛି ଶିକ୍ଷା ଓ ସମ୍ମାନ ମିଳୁଛି। ନବୀନ ସରକାର କଳାର ବିକାଶ ପାଇଁ କଳାକାରଙ୍କୁ ପ୍ରୋତ୍ସାହନ ଦେଉଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ଅନୁଗୋଳ ଜିଲ୍ଲା ରାଜସ୍ୱ ଦେବାରେ ରାଜ୍ୟରେ ସବୁଠୁ ଆଗରେ ବୋଲି ଶ୍ରୀ ଅମାତ ସୂଚିତ କରିଥିଲେ। ଅନୁଗୋଳ ଜିଲ୍ଲା ପଡୋଶୀ କନ୍ଧମାଳ ଜିଲ୍ଲା ସହିତ ନିବିଡ଼ ସମ୍ପର୍କ ରଖିଛି। ଏକଦା ବ୍ରିଟିଶ ଶାସନ କାଳରେ ଇଂରେଜମାନେ ଅନୁଗୋଳରେ ରହି କନ୍ଧମାଳକୁ ରାଜୁତି କରୁଥିଲେ। ଏବେ ବି କନ୍ଧମାଳ ଜିଲ୍ଲାବାସୀ ପୁରାତନ ନଥିପତ୍ର ପାଇଁ ଅନୁଗୋଳ ଜିଲ୍ଲା ଉପରେ ନିର୍ଭର କରୁଛନ୍ତି। ଚଳିତବର୍ଷ ଅନ୍ତର୍ଜାତୀୟ ବାଣିଜ୍ୟ ସମ୍ମିଳନୀରେ ସର୍ବଭାରତୀୟ ସ୍ତରରେ କଳା ସଂସ୍କୃତି କ୍ଷେତ୍ରରେ ଓଡିଶା ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଜିଲ୍ଲା ପ୍ରଶାସନ ଏଭଳି ମଞ୍ଚ ଆୟୋଜନ କରି କଳାକାରଙ୍କୁ ଉତ୍ସାହିତ କରୁଛି ଏବଂ ଆଗକୁ ଏଭଳି ପ୍ରୟାସ ଜାରି ରହୁ ବୋଲି ମୁଖ୍ୟ ଅତିଥି ଶ୍ରୀ ଅମାତ ଉଦବୋଧନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, କାର୍ଯ୍ୟକାରୀ ଅଧ୍ୟକ୍ଷ ଯୁବ ମଙ୍ଗଳ ବୋର୍ଡ ଓଡିଶା କୁନା ବିହାରି ଦାସ, ଚିନ୍ମୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ଶୁଭାରମ୍ଭ କରିଥିବା ବେଳେ ପ୍ରାକ୍ତନ ଅଧ୍ୟାପକ କୁଳମଣି ନାୟକ ବେଦପାଠ କରିଥିଲେ। ଅତିଥିଗଣ ମହୋତ୍ସବ ସ୍ମରଣୀକା ପୁସ୍ତିକା ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଶିକ୍ଷାବିତ ଡକ୍ଟର ଧରଣୀଧର ନାଥଙ୍କ ମଞ୍ଚ ସଂଯୋଜନାରେ ସ୍ଥାନୀୟ କଳାକାର ଅନୁଗୋଳର ଡ୍ୟାନ୍ସ ଫର ଅଲ ନୃତ୍ୟାନୁଷ୍ଠାନ, ନର୍ତ୍ତକୀ ଅନୁଷ୍ଠାନ ନାଲକୋ, ମୟୂରଭଞ୍ଜର ଛଉ, ପଞ୍ଜାବର ଭାଙ୍ଗରା, ପଞ୍ଜାବର ଗିଦ୍ଧା ଲୋକନୃତ୍ୟ, ଜିନ୍ଦୁଆ ନୃତ୍ୟ ପରିବେଷଣ କରିଥିଲେ। ପରେ ମଞ୍ଚ ଉପସ୍ଥାପିକା ଅମୃତାଙ୍କ ଆଙ୍କରିଂରେ ଅନୁଗୋଳିଆ ଦର୍ଶକ ସବୁ ଶୀତୁଆ ସନ୍ଧ୍ୟାର ଭରପୂର ଉପଭୋଗ କରିଥିଲେ। ହାସ୍ୟ ଅଭିନେତା ଅନୁଗୋଳିଆ ବଣ୍ଟି ପ୍ରଥମରୁ ମାହୋଲକୁ ଉଷ୍ମ କରିଦେଇଥିଲେ। ଡାଲମା ପଙ୍କକୁ ଆଉ ରଖିବିନି.......୧୮ ବର୍ଷୀୟକୁ ଛାଡିବିନି.... କମେଡିରେ ଖୁବ ହାସ୍ୟରୋଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଚ୍ଛଦପଟ ଗାୟକ ସତ୍ୟଜିତଙ୍କ ଭକ୍ତିପୂର୍ଣ୍ଣ ସଙ୍ଗୀତ ସିଏ ମୋ ଜଗନ୍ନାଥ... ତା ବିନୁ ଶ୍ରୀ ହୀନ ସାରା ଜଗତ... ଗୀତରୁ ଆରମ୍ଭ ହୋଇ ରୋମାଣ୍ଟିକ ଗୀତରେ ଯୁବଗୋଷ୍ଠୀଙ୍କୁ ନଚେଇଥିଲେ।

> ଚଳିତବର୍ଷ ଅନ୍ତର୍ଜାତୀୟ ବାଣିଜ୍ୟ ସମ୍ମିଳନୀରେ ସର୍ବଭାରତୀୟ ସ୍ତରରେ କଳା ସଂସ୍କୃତି କ୍ଷେତ୍ରରେ ଓଡିଶା ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଜିଲ୍ଲା ପ୍ରଶାସନ ଏଭଳି ମଞ୍ଚ ଆୟୋଜନ କରି କଳାକାରଙ୍କୁ ଉତ୍ସାହିତ କରୁଛି ଏବଂ ଆଗକୁ ଏଭଳି ପ୍ରୟାସ ଜାରି ରହୁ

ଜିଲ୍ଲା ସଂସ୍କୃତି ପରିଷଦ ସଭ୍ୟ ତଥା ଜିଲ୍ଲା ସଂସ୍କୃତି ପରିଷଦ ସ୍ମରଣୀକା କମିଟିର ସଦସ୍ୟ ପ୍ରଫେସର ବିରଞ୍ଚି ନାରାୟଣ ସାମଲ, ଡକ୍ଟର ଧରଣୀଧର ନାଥ, ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ସଂଗ୍ରାମ ଦାସ ,ପ୍ରଫେସର ଶାନ୍ତନୁ ସର, ପ୍ରଫେସର ଇନ୍ଦିରା ଦାସଙ୍କ ସମେତ ଅନ୍ୟାନ୍ୟ କମିଟିର ସଦସ୍ୟ, ବରିଷ୍ଠ ଓକିଲ ଭବାନୀ ପ୍ରସାଦ ମିଶ୍ର, ପଦ୍ମଚରଣ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ଦୁଃଶାସନ ନାଏକ ,ଲକ୍ଷ୍ମୀପ୍ରସାଦ ଦ୍ୱିବେଦୀ ,ଜିଲ୍ଲା ଲୋକସମ୍ପର୍କ ଓ ସୂଚନା ଅଧିକାରୀ କେ ଶ୍ରବଣ କୁମାରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

ପଲ୍ଲୀଶ୍ରୀ ମେଳା ର ୩ର୍ଥ ଦିନରେ ପ୍ରଦର୍ଶନୀ ଓ କ୍ରୟ ବିକ୍ରୟ କାରବାର ବେଶ ଭଲ ହେଉଥିବା ଦେଖିବାକୁ ମିଳିଥିଲା ।ପ୍ରଥମ ତିନିଦିନ କୋଟିଏ ଟଙ୍କା କାରବାର ହୋଇଥିବା ଓରମାସ ଜିଲ୍ଲା ଡେପୁଟି ସିଇଓ ସୌରଭ ଦାସ ସୂଚନା ଦେଇଛନ୍ତି।
















# ଜୟ ଜଗନ୍ନାଥ ଧ୍ୱନିରେ ଗାଁ ହେଲା ଭକ୍ତିମୟ



**ଗଁଦିଆ, ୧୪।୧ (ସମିସ) :** ସ୍ଥାନୀୟ ଗିରିଧାରୀ ଆଶ୍ରମ ଠାରୁ ଠାକୁରଙ୍କ ରୀତିନୀତି ଅନୁଯାୟୀ ପୂର୍ଜାର୍ଚ୍ଚନା କରାଯାଇ ସାଦାପସୀ ପାଟଣା, ପୋରୁହଖୋଜ ଓ ସାଦାପସୀ ଗ୍ରାମରେ ଜଗନ୍ନାଥ ଅର୍ପଣ ରଥ ବୁଲିଥିଲା। ଉକ୍ତ ଗ୍ରାମଗୁଡିକରେ ପ୍ରତ୍ୟେକ ଦାଣ୍ଡରେ ଗୋବରରେ ଲିପାଯାଇ ବିଭିନ୍ନ ରଙ୍ଗ ବେରେଙ୍ଗରେ ଚିତା ଓ ଝୋଟି ପକାଇ ଅର୍ପଣ ରଥକୁ ବନ୍ଦାପନା କରି ଗ୍ରାମର ମହିଳାମାନେ ଅରୁଆ ଚାଉଳ, ଗୁଆ ଓ ଫୁଲ ଆଦି ସମର୍ପଣ କରିଥିଲେ। ଯାହାକୁ ନେଇ ଗ୍ରାମରେ ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ। ଉକ୍ତ ପରିକ୍ରମାରେ ଗଁଦିଆ ପଞ୍ଚାୟତ ସମିତି ଅଧକ୍ଷା ରୀନାରାଣୀ ଖଟୁଆ, ସ୍ଥାନୀୟ ସମିତି ସଭ୍ୟ ବଳରାମ ପରିଡ଼ା, ବ୍ଲକ ବିଜେଡି ମହିଳା ସଭାପତି ଶୁଭଦର୍ଶନୀ ପରିଡ଼ା, ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଅନନ୍ତ ଚରଣ ଶତପଥୀ, ସମାଜସେବୀ ତାପସ କୁମାର ରାଉତ, ସେବା ସଂଗଠନ ସଭାପତି ଅଜିତ ପ୍ରସାଦ ରାଉତ, ଯୁବ ସମାଜସେବୀ ଚିତ୍ତ ରଞ୍ଜନ କଁଅର ପ୍ରମୁଖ ଯୋଗଦାନ କରିଥିଲେ।

# ଏମ୍‌ସିଏଲ୍ ପ୍ରଦୂଷଣ ମୃତ୍ୟୁକୁ କରୁଛି ଆମନ୍ତ୍ରଣ

## ଚିର ନିଦ୍ରାରେ ଶୋଇଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

**ତାଳଚେର,୧୪ ।୧(ସମିସ)**



କଳା ହିରାର ସହର ତାଳଚେରରେ ମୁଣ୍ଡ ଟେକିଥିବା ଏକାଧିକ କୋଇଲା ଖଣି ସମେତ କଳ କାରଖାନା ଗୁଡ଼ିକ ଦୀର୍ଘବର୍ଷ ପର୍ଯ୍ୟନ୍ତ ଯେଉଁଭଳି ଭାବେ ପ୍ରଦୂଷଣ କରିଆସୁଛନ୍ତି, ଜଳ, ସ୍ଥଳ, ଆକାଶ ଆଜି ଏଥିପାଇଁ ପ୍ରଦୂଷିତ। ଏଠାରେ ଥିବା କଳ କାରଖାନା ଓ ଏମସିଏଲ କରୁଥିବା ପ୍ରଦୂଷଣକୁ ରୋକିବା ପାଇଁ କି ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ପ୍ରଦୂଷଣରେ ଜର୍ଜରିତ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ତାଳଚେର ଓ କଣିହାଁ ଅଞ୍ଚଳରେ ହଜାର ହଜାର ଏକର ଜମିକୁ ନେଇ ତାଳଚେରରେ ୧୦ଟି କୋଇଲା ଖଣିଥିବା ବେଳେ କଣିହାଁରେ ଗୋଟିଏ କୋଇଲା ଖଣି ଅବସ୍ଥିତ। ଏହି କୋଇଲା ଖଣିଗୁଡ଼ିକରୁ ମାଟିକୁ କାଢ଼ିନେବା ପରେ ମାଟିତଳୁ ଦୈନନ୍ଦିନ ଲକ୍ଷ ଲକ୍ଷ ଟନ୍ କୋଇଲା ଉତ୍ପାଦନ କରାଯାଇଥାଏ ଏବଂ ଟ୍ରକ ଓ ଟ୍ରେନ୍ ଯୋଗେ ଏହି କୋଇଲାକୁ ବାହାରକୁ ରପ୍ତାନୀ କରାଯାଇଥାଏ। ଦୈନିକ ୫ହଜାରୁ ଉର୍ଦ୍ଧ୍ୱ ଟ୍ରକ ଯୋଗେ ଓ ୫୫ରୁ ୬୦ ଟ୍ରେନ୍ ଯୋଗେ କୋଇଲା ପରିବହନ କରାଯାଇଥାଏ। ଟ୍ରକ ଓ ଟ୍ରେନ୍ ଦ୍ୱାରା କୋଇଲା ପରିବହନ ଯୋଗେ ଯାତାୟାତ ରାସ୍ତାରେ ବ୍ୟାପକ କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁ ଯନ୍ତ୍ରଣା ଦେଇଚାଲିଛି। ଫଳରେ ତାଳଚେର ସମେତ ଏହାର ଆଖାପାଖ ପାଖାପାଖି ୨୦କିମି ବ୍ୟାପି କୋଇଲା ଗୁଣ୍ଡ ମିଶ୍ରିତ ଧୂଳି, ଧୂଆଁ, ପାଉଁଶ ପ୍ରଦ୍ୟୁଷଣରେ ଲୋକେ ଅଣନିଶ୍ୱାସୀ ହୋଇ ବିଭିନ୍ନ ମାରାତ୍ମକ ରୋଗର ଶୀକାର ହେଉଛନ୍ତି। କେହି ଆରପାରିକୁ ଯାଇଥିବା ବେଳେ ଆଉ କେହି ଜୀବନ ସହ ସଂଗ୍ରାମ ଚଳାଇଥିବା ଜଣାପଡ଼ିଛି। ଏହି ବ୍ୟାପକ ପ୍ରଦୂଷଣ ପାଇଁ ୩୦ରୁ ୪୦ବର୍ଷ ମଧ୍ୟରେ ଯୁବକମାନେ ଟିବି, ହୃଦଘାତ, କିଡ଼ନୀ, କର୍କଟ, ଚକ୍ଷୁ, ଲନ୍ସ ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ ଜୀବନ ହାରି ଦେଉଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠେ, ତାଳଚେରରେ ଗଢ଼ି ଉଠିଥିବା କୋଇଲା ଖଣି ସମେତ ଅନେକ କଳ କାରଖାନା ଏତେଶୟ ପ୍ରଦୂଷଣ କରି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିଲେ ମଧ୍ୟ କେନ୍ଦ୍ରରେ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ ଥାଇ କରୁଛି କ'ଣ ବୋଲି ବୃଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବଣ୍ଟନ



**ତାଳଚେର,୧୪ ।୧(ସମିସ):** ତାଳଚେରରେ ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଅଯୋଧ୍ୟାରୁ ଆସିଥିବା ନିମନ୍ତ୍ରଣ ପତ୍ର, ଅକ୍ଷତ ଓ ପ୍ରଭୁ ଶ୍ରୀରାମଙ୍କ ଫଟୋଚିତ୍ର ଘରକୁ ଘର ବଣ୍ଟନ କରାଯାଇଛି। ବ୍ଲକର ସନ୍ଥପଡା ପଞ୍ଚାୟତର ସମସ୍ତ ଗ୍ରାମରେ ଶତାଧିକ ରାମଭକ୍ତମାନେ ଶୋଭାଯାତ୍ରାରେ ସାମିଲ ହୋଇ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। ଜାନୁଆରୀ ୨୨ ତାରିଖରେ ସମସ୍ତଙ୍କ ଘରେ ଦିନ ୧୧ ଟାରୁ ୧ ମଧ୍ୟରେ ପୂଜାର୍ଚ୍ଚନା କରିବା ସହ ସନ୍ଧ୍ୟାରେ ଦୀପ ଜାଳି ଦୀପାବଳି ଉତ୍ସବ ପାଳନ କରିବାକୁ ନିବେଦନ କରିଥିଲେ। ସେହିଭଳି ସମସ୍ତ ମନ୍ଦିରକୁ ସ୍ୱଚ୍ଛକରି ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରିବାକୁ ନିବେଦନ କରାଯାଇଛି। ରାମଭକ୍ତ କାଳନ୍ଦି ସାମଲ ,ପର୍ଶୁରାମ ବାରିକ, ମାୟାଧର ସାହୁ, ସରପଞ୍ଚ ସହଦେବ ସାହୁ, ସୋମନାଥ ସାମଲ, ପ୍ରଦୀପ ସାମଲ, ଶଶାଙ୍କ ଗଡ଼ନାୟକ, ରାକେଶ ସାମଲ, କୈଳାସ ମହାନ୍ତି, ଲାଲା ମହାନ୍ତି, ଉଦ୍ଧବ ସାହୁ, ନିର ଭୁତିଆ, ମଦନ ପ୍ରଧାନ, ବାବୁଲି ପ୍ରଧାନ,ଦିବାକର ପ୍ରଧାନ, ଶିବରମ ପ୍ରଧାନ, କହେଁଇ ସାମଲ, ବୁଦ୍ଧିମନ୍ତ ରାଉତ, ସୁନିଲ ସାମଲ, ଇତନୁ ଭୁକ୍ତାଙ୍କ ସମେତ ବହୁ ରାମଭକ୍ତ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘର ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା , ସଂକୀର୍ତ୍ତନ ମଣ୍ଡଳୀ, ଧର୍ମାନୁଷ୍ଠାନ ସାମିଲ ହୋଇ ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟରେ ଭବ୍ୟ ପରିବେଶ ମଧ୍ୟରେ ଅକ୍ଷତ ବଣ୍ଟନ କରୁଛନ୍ତି।

■ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ

# ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ରଚିତ 'ଅନନ୍ୟ ଅନୁଗୋଳ' ଉନ୍ମୋଚିତ

**ଅନୁଗୋଳ, ୧୪।୧(ସମିସ):** ଅନୁଗୋଳ ମହୋତ୍ସବ ୨୦୨୪ ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରଫେସର କୁମୁଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱ ଓ ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ପଦ୍ମଶ୍ରୀ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର। ଓଡ଼ିଆ ଭାଷା ଓ ସଂସ୍କୃତିର ମହାନ୍ ପରମ୍ପରା ଉପରେ ଏକ ସାରଗର୍ଭକ ଅଭିଭାଷଣ ପ୍ରଦାନ କରି ଡକ୍ଟର ମିଶ୍ର କହିଥିଲେ ଯେ, ଓଡ଼ିଶା ନିଜର ଭାଷା ଏବଂ ଶ୍ରୀ ଜଗନ୍ନାଥଙ୍କୁ ନେଇ ଗର୍ବିତ। ସମାରୋହରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପ୍ରଫେସର ଶାନ୍ତନୁ କୁମାର ସର। ଏହି ସାରସ୍ୱତ ସମାରୋହରେ ଅନୁଗୋଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଦ୍ୱାରା ରଚିତ 'ଅନନ୍ୟ ଅନୁଗୋଳ' ଉନ୍ମୋଚିତ ହୋଇଥିଲା। ଏତଦ୍ ବ୍ୟତୀତ ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ସଂପର୍କର ସେତୁ, ମମତା ତ୍ରିପାଠୀଙ୍କ ଶେଫାଳୀର ଅପେକ୍ଷାରେ ଓ ପ୍ରହ୍ଲାଦ ସାହିତ୍ୟ ନିଜକୁ ଭେଟିବାର ବେଳ ଲୋକାର୍ପଣ ହୋଇଥିଲା। ଉତ୍ସବରେ ସମ୍ମାନନୀୟ ଅତିଥି ଡକ୍ଟର ଧରଣୀଧର ନାଥ ନିଜ ଅଭିଭାଷଣରେ ଅନୁଗୋଳର ସାହିତ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ରାଧାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଗ୍ରନ୍ଥାଗାରିକ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ ସହଯୋଗ କରିଥିଲେ। ସାରସ୍ୱତ ସମାରୋହ ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।




# ଗ୍ୟାରେଜ୍ ଭିତରେ ପ୍ରେମୀଯୁଗଳଙ୍କୁ ତାଲା

**ନାଲକୋ ନଗର,୧୪।୧(ସମିସ):** ନାଲକୋ କଲୋନୀ ପରିସରରେ ଥିବା ଏସଓଟି ହଷ୍ଟେଲର ଏକ ଗାଡ଼ି ଗ୍ୟାରେଜ ଭିତରୁ ଦୁଇ ପ୍ରେମୀ ଯୁଗଳଙ୍କୁ କାବୁକଲେ କଲୋନୀବାସୀ। ଦୀର୍ଘ ଦିନ ହେବ ଉକ୍ତ ଗାଡ଼ି ଗ୍ୟାରେଜକୁ ପ୍ରେମୀଯୁଗଳ ଆସି ବନ୍ଦ କୋଠରୀରେ ରୁହନ୍ତି। ସ୍ଥାନୀୟ ଲୋକେ ଗତସନ୍ଧ୍ୟାରେ ଗ୍ୟାରେଜ ଭିତରେ ଥିବା ବେଳେ ବାହାର ପଟ ବନ୍ଦକରି ସ୍ଥାନୀୟ ସୁରକ୍ଷା କର୍ମୀଙ୍କୁ ଅବଗତ କରିଥିଲେ। ଖବର ପାଇ ନାଲକୋ ସୁରକ୍ଷା କର୍ମୀ ଆସି ଗ୍ୟାରେଜ ଭିତରେ ଥିବା ପ୍ରେମୀଯୁଗଳଙ୍କ ସହ ରଫାଦଫା କରି ଯୁବତୀଙ୍କୁ କାର ଡିକି ଭିତରେ ପୁରାଇ ଘଟଣାସ୍ଥଳରୁ ଚାଲିଯାଇଥିଲେ। ପରେ ଗ୍ୟାରେଜ ଭିତରେ କେହି ନଥିବା ସ୍ଥାନୀୟ ଲୋକଙ୍କୁ ପ୍ରକାଶ କରିଥିଲେ। ଠିକ୍ ସେହି ଭଳି କିଛି ଦିନ ତଳେ କଲୋନୀ ପରିସରରେ ଥିବା ଏକ କ୍ୱାର୍ଟରକୁ ସୁରକ୍ଷା କର୍ମୀ ନିଜ ସମ୍ପର୍କୀୟ ଘରକୁ ଯାଇଥିଲେ। କିଛି ସୁରକ୍ଷା କର୍ମୀ ସନ୍ଦେହ କରି ତାଲା ପକାଇ ଦେଇଥିଲେ। ପରେ ସୁରକ୍ଷା କର୍ମୀ ଅଧିକାରୀ ଆସି ଉକ୍ତ ସୁରକ୍ଷା କର୍ମୀଙ୍କୁ ଛାଡିଦେବା ପରେ ତାଙ୍କୁ ଡ୍ୟୁଟିରୁ ସସପେଣ୍ଡ କରିଥିବା ଜଣାଯାଇଛି। ଏ ନେଇ ଉକ୍ତ କ୍ୱାର୍ଟରରେ ଥିବା ସମ୍ପର୍କୀୟ କୌଣସି ଅଭିଯୋଗ କରି ନଥିଲେ ମଧ୍ୟ ସୁରକ୍ଷା କର୍ମୀଙ୍କୁ ଡ୍ୟୁଟିରୁ ବାଦ୍ କରିଛନ୍ତି। ଏ ନେଇ ପୁଲିସ ପାଖରେ କୌଣସି ସୂଚନା ନଥିବା ନାଲକୋ ଥାନାଧିକାରୀ ପ୍ରକାଶ କରିଛନ୍ତି।

# ଜାତୀୟ ଯୁବ ଦିବସ ପାଳିତ

**ଗଁଦିଆ, ୧୪।୧(ସମିସ):** ଗଁଦିଆ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କର ୧୬୨ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ବୀରକିଶୋର ଦତ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ଇଂରାଜି ଅଧ୍ୟାପକ ଓ ୬୨୨ ବର୍ଗ କଲେଜର ରାଜ୍ୟ ସଭାପତି ଗୋଲକ ଚନ୍ଦ୍ର ନାୟକ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଓ ଅନ୍ୟ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ।

# ସାପ୍ତାହିକ ଯୁବ ଦିବସର ଶୁଭାରମ୍ଭ

**ଢେଙ୍କାନାଳ, ୧୪।୧ (ସମିସ) :** ଢେଙ୍କାନାଳ ନେହେରୁ ଯୁବ କେନ୍ଦ୍ର ଦ୍ୱାରା ସରକାରୀ ଶିଳ୍ପ ଅନୁଷ୍ଠାନ ବୋରାପଦା ଠାରେ ଅନୁଷ୍ଠିତ ସଭାରେ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥି ସହିତ ସଡ଼କ ସୁରକ୍ଷା ସମ୍ପର୍କରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଇଲେକ୍ଟ୍ରିସିଆନ ବିଭାଗର ଛାତ୍ର ପପୁ ସାହୁ, ଦିତ୍ୱୀୟ ସ୍ଥାନ ଅଧିକାର କରିଥିଲେ ଇଲୋଟ୍ରୋନିକ ବିଭାଗର ସତ୍ୟଜିତ ଶତପଥୀ, ତୃତୀୟ ସ୍ଥାନ ଅଧିକାର କରିଥିଲେ ଇଲେକ୍ଟ୍ରିସିଆନ ବିଭାଗର ଜଗା ବେହେରା। ମଞ୍ଚାସୀନ ଅତିଥିବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର କରିଥିଲେ। ସଡ଼କ ସୁରକ୍ଷା ସଚେତନ ସମ୍ପର୍କରେ ଏକ ରାଲିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ସରକାରୀ ଶିଳ୍ପ ଅନୁଷ୍ଠାନର ଅଧକ୍ଷ ଇଞ୍ଜିନିୟର ଚନ୍ଦ୍ରଶେଖର ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ନିରୁପମା ବେହେରା, ବରେଣ୍ୟ ଅତିଥି ଭାବରେ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଧନେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଜାତୀୟ ଯୁବ ସଂସ୍କୃତି ଦିବସ ପାଳିତ

**ଅନୁଗୋଳ,୧୪।୧(ସମିସ):** ଚଳିତବର୍ଷ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଉପଲକ୍ଷେ ଯୁବ ସପ୍ତାହ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ସାମାଜିକ ସଂଗଠନ ସ୍ପନ୍ଦନ ତରଫରୁ ଏବଂ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ବଅଁରପାଳସ୍ଥିତ ପିବିକେ ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ ଯୁବ ସଂସ୍କୃତି ଦିବସ ୨୦୨୪କୁ ଜିଲ୍ଲା ପରିଷଦ, ଅନୁଗୋଳ ଜିଲ୍ଲାର ଲୋକପାଳ ବିଭୂତି ଭୂଷଣ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଅଁରପାଳ ପଞ୍ଚାୟତର ସରପଞ୍ଚ ଅନସୂୟା ଗଡନାୟକ , ଅନ୍ୟ ଅତିଥି ସଂଗ୍ରାମ କେଶରୀ ମହାନ୍ତି, ଶିକ୍ଷକ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପରିପେକ୍ଷୀରେ ବିଦ୍ୟାଳୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯକ୍ରମରେ ସମ୍ବଲପୁରୀ, ଡାଲଖାଇ, ଦେଶପ୍ରେମ ସହ ବିଭିନ୍ନ ଆଧୁନିକ ଓଡ଼ିଆ ସଙ୍ଗୀତରେ ଆଶୁତୋଷ ମହାପାତ୍ର, ରିନିଶ୍ମି ପ୍ରଧାନ, ବିଦୁସ୍ମିତା ସାହୁ, ତଥା ସ୍କୁଲର ଅନ୍ୟାନ୍ୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍ପନ୍ଦନର ସଦସ୍ୟ ବିଭୁ ପ୍ରସାଦ ଶତପଥି ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଶିକ୍ଷକ ବିକ୍ରମ ସ୍ୱାଇଁ, ବୃନ୍ଦାବନ ସାହୁ, ସ୍ୱର୍ଣ୍ଣପ୍ରଭା ମିଶ୍ର, ପ୍ରମୋଦ କୁମାର ମହାପାତ୍ର, ବିଶ୍ୱଜିତ୍ ନାହକ, ଜ୍ଞାନରଞ୍ଜନ ନାଏକ, ଆଦିତ୍ୟ ରଞ୍ଜନ ସାହୁ, ଆଦିତ୍ୟ ଇନ୍ଦ୍ରଜିତ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ

**ଢେଙ୍କାନାଳ, ୧୪।୧ (ସମିସ) :** ଢେଙ୍କାନାଳ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ୪ର୍ଥ ବର୍ଷିକ ଉତ୍ସବ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଶଶାଙ୍କ ଶେଖର ରଥ ଉପସ୍ଥିତ ଥିଲେ। ରତିକାନ୍ତ ଗଡ଼ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ ଜିଲ୍ଲାର ୮ ଗୋଟି ବ୍ଲକ ୫-ଟି ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଅନୁରୋଧ ପୂର୍ଣ୍ଣ ବାର୍ତ୍ତା ଦେଇଥିଲେ। ହିନ୍ଦୋଳ, କଙ୍କଡାହାଡ, ପରଜଙ୍ଗ, ଗଁଦିଆ ଓ ଢେଙ୍କାନାଳ ସଦରରେ



ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ପ୍ରଦୀପ ଜାଳି ଉଦ୍ଘାଟନ କରିଥିଲେ ଓ ବରିଷ୍ଠ ନାଗରିକମାନେ କିପରି ସୁବିଧା ପାଇପାରିବେ ସେ ବିଷୟରେ କହିଥିଲେ। ଏହି ଉତ୍ସବରେ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ସଭାପତି ଦୁର୍ଗା ଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟାନ୍ୟ ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି, ହରେକୃଷ୍ଣ କର, ଅକ୍ଷୟ କୁମାର ସାହୁ, ସମ୍ପାଦକ ଗୁଣଧର ମିଶ୍ର ଓ ଉପସଭାପତି କର୍ମକର୍ତ୍ତା ଯୋଗଦେଇଥିଲେ। ଭୁବନ ବ୍ଲକର ବ୍ରଜ ରାଉତ, ରଥ ସେଠୀ, ଦୁର୍ଗା ପୃଷ୍ଟି, ପଣ୍ଡିତ ଡକ୍ଟର ପ୍ରମୋଦ ମିଶ୍ର, କଙ୍କଡାହାଡ ବ୍ଲକର ଭଗବାନ ସିଂ, କୈଳାସ ସାହୁ, ପାଣ୍ଡବ ଦାସ, ଦୁର୍ଯ୍ୟୋଧନ ବେହେରା, ପରଜଙ୍ଗ ବ୍ଲକର ଅକ୍ଷୟ ନାୟକ, ବିମଳ ନାୟକ, ହିନ୍ଦୋଳ ବ୍ଲକର ଶ୍ରୀନିବାସ ମିଶ୍ର, ଓଡାପଡ଼ା ବ୍ଲକର ଦିବାକର ନାୟକ, ଗଁଦିଆ ବ୍ଲକର ଗୋବର୍ଦ୍ଧନ ସାହୁଙ୍କ ସମେତ ଛଅଶହରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ସର୍ବଶେଷରେ କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ମୁଖ୍ୟମନ୍ତ୍ରୀ ଓ ହାତୀ ଓ ବରାହ ଉପଦ୍ରବ, ଧନ ଜୀବନ ବିପନ୍ନ ହେଉଛି। ତେଣୁ ସରକାର ଏହାର ପ୍ରତିକାର ପାଇଁ କିଛି କରନ୍ତୁ ବୋଲି ଅନୁରୋଧ କରାଯାଇଛି। ସଭାରେ ଉପସଭାପତି ବାହାଦୂର ପାଟସାହାଣୀ, ସଂଯୋଜକ ଅମ୍ବିକା ବରାଳ, ବରିଷ୍ଠ ସଭ୍ୟ ବିନାୟକ ଶତପଥୀ ଓ ଲକ୍ଷ୍ମୀଧର ବାରିକ ସମସ୍ତ ପ୍ରକାର ସହଯୋଗ କରିଥିଲେ। ସକାଳେ ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ ଠାରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରି ପୁରୁଣା ଜିଲ୍ଲା ପରିଷଦ ହଲ୍‌ରେ ପହଞ୍ଚିଥିଲା।

# ସୁରପ୍ରତାପପୁରରେ ଅର୍ପଣ ରଥ

**ମାର୍ଥାପୁର ୧୪।୧ (ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ସୁରପ୍ରତାପପୁର ଗ୍ରାମରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ରାଜ୍ୟରେ ପରିକ୍ରମା କରୁଥିବା ଅର୍ପଣ ରଥକୁ ସ୍ୱାଗତ କରାଯାଇଛି। ଭୁବନ ବ୍ଲକର ବିଭନ୍ନ ପଞ୍ଚାୟତରେ ରଥ ପରିକ୍ରମା କରିବା ସହ ହରିବୋଲ, ହୁଳହୁଳି, ନାମ ସଙ୍କୀର୍ତ୍ତନ, ଶଙ୍ଖ ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା। ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ କୁମାର ମଲ୍ଲିକ, ଭୁବନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ପ୍ରବୋଧ ଦାସଙ୍କ ସହିତ ଗ୍ରାମବାସୀ ଘରକୁ ଘର ଯାଇ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ।



# ବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ଆଠମଲ୍ଲିକ,୧୪।୧(ସମିସ):** ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଉପଖଣ୍ଡର ସର୍ବପୁରାତନ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟିକୁ ନେଇ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନୀଲ ପ୍ରଧାନ ଅଧକ୍ଷତା କରିଥିଲେ । ମାଟ୍ରିକ ପରୀକ୍ଷା ସମ୍ମେଟିଭ -୧, ସମ୍ମେଟିଭ-୨ ଓ ବୋର୍ଡ ପରୀକ୍ଷା ଯେଉଳି ଛାତ୍ରଛାତ୍ରୀ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବେ, ସେ ବିଷୟରେ ଆଲୋଚନା ହୋଇଥିଲା । ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା, ପରୀକ୍ଷା ଚାପରୁ ମୁକ୍ତ ରଖିବା,କ୍ୟାରିଅର ଗଢିବା ଆଦି ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ସ୍କୁଲ ପରିଚାଳନା କମିଟି ସଭାପତି ଗଦାଧର ସ୍ୱାଇଁ, ଶିକ୍ଷକ ସୁଧାଂଶୁ ବିଶ୍ୱାଳ, ପ୍ରଦୀପ ସେଠୀ, ଧବଳେଶ୍ୱର ଦେହୁରୀ, ବିନୋଦିନୀ ପ୍ରଧାନ, ଆଦିତ୍ୟ ସାହୁଙ୍କ ସମେତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ । ଶିକ୍ଷକ ଲୋକନାଥ ସାହୁ ସଂଯୋଜନା କରିଥିଲେ।

# ମହିଷାମର୍ଦ୍ଦିନୀଙ୍କ ବାର୍ଷିକ ପୂଜା ସମାପ୍ତ

**ଛେଣ୍ଡିପଦା,୧୪।୧(ସମିସ):** ଛେଣ୍ଡିପଦା ବ୍ଲକ୍ ସନ୍ତରାବନ୍ଧ ଗ୍ରାମର ମା' ମହିଷାମର୍ଦ୍ଦିନୀଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ରାମ ଚନ୍ଦ୍ର ସାହୁ, ସମ୍ପାଦକ ଭୁବନ ଗଡ଼ତିଆ ଓ ଗ୍ରାମର ବେହେରା(ଦଳପତି)ଙ୍କ ତତ୍ତ୍ୱାବଧାନରେ ଏହି ପୂଜା କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି ପୂଜାରେ ମା'ଙ୍କୁ ପଟୁଆରରେ ପ୍ରଥମେ ଗ୍ରାମର ଗ୍ରାମେଶ୍ୱରୀ ମନ୍ଦିରରୁ ବାହାର କରାଯାଇ ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ଉତ୍କଳମଣୀ ସେବା ସଙ୍ଘର ସୌଜନ୍ୟରେ ଭକ୍ତଙ୍କୁ ଭୋଗ ପ୍ରଦାନ କରାଯାଇଥିଲା। ଗ୍ରାମର ଶକ୍ତିକ୍ଷେତ୍ର ଯୁବମଞ୍ଚ ଓ ଭାଗବତ ଟୁଙ୍ଗୀର ସଭ୍ୟଙ୍କ ଦ୍ୱାରା ପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଶକ୍ତି କ୍ଷେତ୍ର ଯୁବମଞ୍ଚର ସଭାପତି ରଞ୍ଜନ ସାହୁ, ସମ୍ପାଦକ ସନ୍ତୋଷ ସାହୁଙ୍କ ସମେତ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ସରିଲା ସାତକୋଶିଆରେ ଜଳଚର ପକ୍ଷୀ ଓ କୁମ୍ଭୀର ଗଣନା

# କମିଛନ୍ତି ଜଳଚର ପକ୍ଷୀ, ବଢ଼ିଛନ୍ତି କୁମ୍ଭୀର

**ଅନୁଗୋଳ,୧୪।(ସମିସ)**

ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟରେ ଜଳଚର ପକ୍ଷୀ ଓ କୁମ୍ଭୀର ଗଣନା ଶେଷ ହୋଇଛି। ତେବେ ଗତବର୍ଷ ତୁଳନାରେ ଚଳିତବର୍ଷ କୁମ୍ଭୀର ସଂଖ୍ୟା ମାତ୍ର ୨୧ଟି ବଢ଼ିଥିବା ଜଣାପଡ଼ିଛି। ଅନ୍ୟପଟେ ଜଳଚର ପକ୍ଷୀ ସଂଖ୍ୟା କମିଥିବା ବେଳେ ନୂତନ ପ୍ରଜାତିର ବିଦେଶୀ ପକ୍ଷୀ ସାତକୋଶିଆ ଆସି ନଥିବା ଜଣାପଡ଼ିଛି। ସାତକୋଶିଆ ଅଭୟାରଣ୍ୟରେ ସାତକୋଷ ବ୍ୟାପିଥିବା ମହାନଦୀ ଗଣ୍ଡ ସମେତ ଅନ୍ୟ ଛୋଟ ବଡ଼ ଜଳାଶୟଗୁଡ଼ିକରେ ଗତ ୧୦ ତାରିଖରେ କୁମ୍ଭୀର ଓ ଜଳଚର ପକ୍ଷୀଙ୍କ ଗଣନା ଶେଷ ହୋଇଥିଲା। ଚଳିତବର୍ଷ ମହାନଦୀ ଗଣ୍ଡରେ ୯୭ଟି ମଗର ଓ ୧୪ଟି ଘଡ଼ିଆଳ ସହ ମୋଟ ୧୧୧ଟି କୁମ୍ଭୀର ଠାବ କରାଯାଇଛି। ଗତବର୍ଷ ୮୩ଟି ମଗର ଓ ୭ଟି ଘଡ଼ିଆଳ ସହ ମୋଟ ୯୦ଟି କୁମ୍ଭୀର ଥିବା ବେଳେ ଚଳିତବର୍ଷ ୨୧ଟି କୁମ୍ଭୀର ବଢ଼ିଥିବା ଜଣାଯାଇଛି। ସେହିପରି ଇଣ୍ଡିଆନ୍ ସ୍କିମର୍, ବ୍ଲାକ୍-ବେଲିଡ୍-ଟର୍ଣ, ଡାର୍ଟର୍ ଓ ଗ୍ରେଟ୍ ଥିକନି ଭଳି ୮୧ ପ୍ରଜାତିର ୩ ହଜାର ୩୩୦ଟି ପକ୍ଷୀ ମହାନଦୀ ଗଣ୍ଡକୁ ଆସିଛନ୍ତି। ଏସବୁ ପକ୍ଷୀ ଉତ୍ତର ଗୋଲାର୍ଦ୍ଧ ଅଞ୍ଚଳରୁ ଆସିଥିବା ବେଳେ ଚଳିତବର୍ଷ କୌଣସି ନୂଆ ପ୍ରଜାତିର ପକ୍ଷୀ ଆସିନଥିବା ଗଣନାରୁ ଜଣାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ୬୩ଟି ପ୍ରଜାତିର ପକ୍ଷୀ ମଧ୍ୟରେ ୩ ହଜାର ୮୭୮ଟି ପକ୍ଷୀ ସାତକୋଶିଆକୁ ଆସିଥିଲେ। ନୂଆ ପ୍ରଜାତିର ପକ୍ଷୀ ଭାବରେ କମନ୍ ମାର୍ଗଂସାର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ଚଳିତବର୍ଷ ପୂର୍ବବର୍ଷ ଅପେକ୍ଷା ୫୪୮ଟି ପକ୍ଷୀ କମ୍ ଆସିଥିବା ଜଣାପଡ଼ିଛି। ୧୫ଟି ଦଳ ଦେଶୀ ଡଙ୍ଗା ସାହାଯ୍ୟରେ ଏହି ଗଣନାରେ ସାମିଲ୍ ହୋଇଥିଲେ। ଏଥିରେ ବନ କର୍ମଚାରୀଙ୍କ ସମେତ ଓୟୁଏଟି ଛାତ୍ରଛାତ୍ରୀ ଓ ଏନ୍‌ଜିଓ କାର୍ଯ୍ୟକର୍ତ୍ତା ମଧ୍ୟ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଜନୈକ ଜଙ୍ଗଲ ବିଭାଗ ଅଧିକାରୀ ନିଜ ନାମକୁ ଗୋପନ ରଖିବାକୁ କହି ଆମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି ଯେ, ଚଳିତ ବର୍ଷ ଜଳଚର ପକ୍ଷୀ ଓ କୁମ୍ଭୀର ଗଣନା ସଠିକ ରୂପେ ହୋଇନାହିଁ। କେବଳ ତରତରିଆ ଭାବେ ଡିଏଫଓ ଏହି ରିପୋର୍ଟ ପ୍ରଘଟ କରୁଛନ୍ତି।

# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ମହାବିରୋଡ, ୧୪।୧ (ସମିସ) :** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ଼ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ' ନବୀନ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଧର୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସହକାରୀ ଜିଲ୍ଲାପାଳ ମଦନମୋହନ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଯୁବ ପ୍ରତିଭାମାନଙ୍କୁ ଚୟନ କରି ରାଜ୍ୟ ଓ ଦେଶର ବିଭିନ୍ନ କ୍ଷେତ୍ରରେ କିପରି ଗୌରବ ଆଣିବେ ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର, ସରପଞ୍ଚ ସୁତାଲିନ ମିଶ୍ର, ପୂର୍ବତନ ସମ୍ପାଦକ ଡମ୍ବରୁଧର ସାହୁ, ପିବିଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରାମନାଥ ପଣ୍ଡା, ନୋଡାଲ ଅଧିକାରୀ ତଥା ପୂର୍ବତନ ଅଧକ୍ଷ କୈଳାସ ଚନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମାଜିକ କାର୍ଯ୍ୟକ୍ରମର ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।



